# NATIONAL NEWS BULLETIN (ODIA)

## 10 February-2025

### Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ପ୍ରୟାଗରାଜ ମହାକୁମ୍ଭ ମେଳାରେ ଆଜି ବୁଡ଼ ପକାଇବେ ରାଷ୍ଟ୍ରପତି ।
- ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ପୂର୍ବାହ୍ନ ୧୧ଟାରେ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକଙ୍କ ସହ ମତ ବିନିମୟ କରିବେ ପ୍ରଧାନମନ୍ତ୍ରୀ ।
- ଫ୍ରାନ୍ସ ଓ ଯୁକ୍ତରାଷ୍ଟ୍ର ଆମେରିକାକୁ ଆଜିଠାରୁ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- ମଣିପୁର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଏନ୍. ବୀରେନ ସିଂହ ।

ଏବଂ

- ବାରବାଟୀ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ବିଜୟ ସହ ଇଂଲଣ୍ଡ ବିରୁଦ୍ଧରେ ସିରିଜ୍ ଅକ୍ତିଆର କଲା ଭାରତ ।

# ମହାକୁମ୍ଭ ପ୍ରେସିଡେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପ୍ରୟାଗରାଜର ମହାକୁମ୍ଭ ମେଳା ପରିଦର୍ଶନ କରିବେ। ସେ ଗଙ୍ଗା, ଯମୁନା ଏବଂ ସରସ୍ୱତୀ ନଦୀର ସଙ୍ଗମ ସ୍ଥଳ ତ୍ରିବେଣୀ ସଙ୍ଗମରେ ପବିତ୍ର ବୁଡ଼ ପକାଇବା ସହ ପୂଜା କରିବାର କାର୍ଯ୍ୟସୂଚୀ ରହିଛି। ପ୍ରୟାଗରାଜର ଅକ୍ଷୟବଟ ଏବଂ ବଡ଼େ ହନୁମାନ ମନ୍ଦିର ମଧ୍ୟ ରାଷ୍ଟ୍ରପତି ପରିଦର୍ଶନ କରିବେ। ଆଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଡିଜିଟାଲ୍ ମହାକୁମ୍ଭ ଅଭିଜ୍ଞତା କେନ୍ଦ୍ରରେ ରାଷ୍ଟ୍ରପତି ମହାକୁମ୍ଭର ସ୍ୱତନ୍ତ୍ରତାକୁ ଅନୁଧ୍ୟାନ କରିବେ। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କ ସହ ଉପସ୍ଥିତ ରହିବେ।

ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ ଗତମାସ ୧୩ ତାରିଖରୁ ଆରମ୍ଭ ହୋଇଥିବା ମହାକୁମ୍ଭ ମେଳାରେ ଏ ପର୍ଯ୍ୟନ୍ତ ପାଖାପାଖି ୪୩ କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇ ସାରିଲେଣି । ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ୫୦ କୋଟିରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇବେ ବୋଲି ଉତ୍ତର ପ୍ରଦେଶ ସରକାର ଆକଳନ କରିଥିବା ସେ ସୂଚନା ଦେଇଛନ୍ତି ।

# ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟାରେ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକଙ୍କ ସହ ମତ ବିନିମୟ କରିବେ । ଏହା ହେବ କାର୍ଯ୍ୟକ୍ରମର ଅଷ୍ଟମ ସଂସ୍କରଣ ।

ଆକାଶବାଣୀ, ଦୂରଦର୍ଶନ, ସ୍ୱୟଂ, ସ୍ୱୟଂପ୍ରଭା, ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ୟୁଟ୍ୟୁବ୍ ଚ୍ୟାନେଲ୍ ଏବଂ ଶିକ୍ଷା ଓ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସାମାଜିକ ଗଣମାଧ୍ୟମରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯିବ । ମାନସିକ ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ପ୍ରଯୁକ୍ତି ବିଦ୍ୟା ତଥା ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବେ । ପରୀକ୍ଷା ପାଇଁ ପ୍ରସ୍ତୁତି ଏବଂ ଅନ୍ୟାନ୍ୟ କ୍ଷେତ୍ର ନେଇ ସେମାନେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିବେ । ଚଳିତ ବର୍ଷ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୩୬ ଜଣ ଛାତ୍ରଛାତ୍ରୀ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ମନୋନୀତ ହୋଇଥିବାର ଆମ ସମ୍ବାଦଦାତା ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମ ଦେଶର ବିବିଧତା ଏବଂ ଆନ୍ତର୍ଭୁକ୍ତିର ପ୍ରକୃତ ପ୍ରତିଫଳନ ଭାବେ ବିବେଚନା କରାଯାଉଛି ।

# ପିଏମ୍-ଫ୍ରାନ୍ସ ଭିଜିଟ୍

ଫ୍ରାନ୍ସ ଓ ଯୁକ୍ତରାଷ୍ଟ୍ର ଆମେରିକା ସହ ରଣନୈତିକ, ଅର୍ଥନୈତିକ ଓ ବୈଷୟିକ ଭାଗିଦାରୀକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ଣରେ ଏହି ଦୁଇ ଦେଶ ଗସ୍ତ କରିବେ। ଗସ୍ତର ପ୍ରଥମ ପର୍ଯ୍ୟାୟରେ ସେ ଫ୍ରାନ୍ସଠାରେ ୧୨ ତାରିଖ ପର୍ଯ୍ୟନ୍ତ ଅବସ୍ଥାନ କରିବେ। ସେଠାରେ ସେ କୃତ୍ରିମ ବୁଦ୍ଧିମତା ଶିଖର ସମ୍ମିଳନୀ-୨୦୨୫ରେ ଯୋଗଦେବେ। ଏହି ଗସ୍ତକାଳରେ ଶ୍ରୀ ମୋଦୀ ଫ୍ରାନ୍ସ ନେତୃବର୍ଗଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ଆଲୋଚନା କରିବା ସହିତ ମାର୍ସେଲିରେ ଭାରତର ନୂତନ କନ୍‌ସୁଲେଟ୍ ଜେନେରାଲ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବେ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନଙ୍କ ସହ କୃତ୍ରିମ ବୁଦ୍ଧିମତା ଶିଖର ସମ୍ମିଳନୀରେ ସହ-ଅଧ୍ୟକ୍ଷତା କରିବେ । ଫ୍ରାନ୍ସରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ସଂଜୀବ କୁମାର ସିଙ୍ଗଲା ଆକାଶବାଣୀକୁ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ବିଶ୍ୱ ସ୍ତରରେ କୃତ୍ରିମ ବୁଦ୍ଧିମତା ଏବଂ ସହଯୋଗକୁ ପ୍ରୋତ୍ସାହନ ପ୍ରଦାନ କରିବ । କୃତ୍ରିମ ବୁଦ୍ଧିମତା ପାଇଁ ନୈତିକ ଏବଂ ଦାୟିତ୍ୱ ସମ୍ପନ୍ନ ମାର୍ଗଦର୍ଶିକା ପ୍ରସ୍ତୁତ

କରିବାରେ ଏହି ସମ୍ମିଳନୀରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି ।

ଶ୍ରୀ ସିଙ୍ଗଲା ଆହୁରି ମଧ୍ୟ କହିଛନ୍ତି, ଫ୍ରାନ୍ସର ମାର୍ସେଲିରେ ଭାରତର ନୂତନ କନ୍‌ସୁଲେଟ୍ ଜେନେରାଲ କାର୍ଯ୍ୟାଳୟର ଉଦଘାଟନ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର'ର ଢାଞ୍ଚାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ । ସେ କହିଛନ୍ତି, ଏହି କାର୍ଯ୍ୟାଳୟ ମାର୍ସେଲିରେ ଥିବା ପ୍ରବାସୀ ଭାରତୀୟଙ୍କ ପାଇଁ ଉନ୍ନତ ସେବା ପ୍ରଦାନ କରିବା ସହିତ ଏହି ଅଞ୍ଚଳରେ ଭାରତର ରଣନୈତିକ ଉପସ୍ଥିତିକୁ ସୁଦୃଢ଼ କରିବ।

ଫ୍ରାନ୍ସ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ବୈଠକରେ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି । ଏଥିସହ ଆନ୍ତର୍ଜାତିକ ଥର୍ମୋ ନ୍ୟୁକ୍ଲିୟର୍ ଏକ୍ସପେରିମେଣ୍ଟାଲ୍ ରିଆକ୍ଟର ପ୍ରତିଷ୍ଠାନ ପରିଦର୍ଶନ କରିବେ ।

ଫ୍ରାନ୍ସ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତା ୧୨ ତାରିଖ ଦିନ ଯୁକ୍ତରାଷ୍ଟ୍ର ଆମେରିକା ଗସ୍ତରେ ଯିବେ । ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଆମେରିକାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# ଆଇଆଇଏଏସ୍-ଡିଏଆର୍‌ପିଜି

ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍ ଠାରେ ଆଜିଠାରୁ **IIAS-DARPG** ଇଣ୍ଡିଆ ସମ୍ମିଳନୀ ୨୦୨୫ ଆରମ୍ଭ ହେଉଛି । କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବା ଲାଗି ୫୫ଟି ଦେଶର ୨୪୦ ଜଣ ପ୍ରତିନିଧି ପଞ୍ଜୀକରଣ କରିଛନ୍ତି । ସମ୍ମିଳନୀର ବିଷୟବସ୍ତୁ ରହିଛି – 'ପରବର୍ତ୍ତୀ ପିଢ଼ିର ପ୍ରଶାସନିକ ସଂସ୍କାର ମାଧ୍ୟମରେ ଉତ୍କର୍ଷ ହାସଲ' । ସମ୍ମିଳନୀ ଅବସରରେ ବିଭିନ୍ନ ପ୍ରସଙ୍ଗ ଆଧାରିତ ୩୫୦ରୁ ଅଧିକ ତଥ୍ୟ ଉପସ୍ଥାପନ କରାଯାଇପାରେ । ସାଧାରଣ ପ୍ରଶାସନ, ଶାସନ, ନୀତିନିର୍ଦ୍ଧାରଣ ଆଦି ବିଭିନ୍ନ କ୍ଷେତ୍ର ଉପରେ ଏହି ସମ୍ମିଳନୀରେ ବିଶେଷଜ୍ଞଙ୍କ ମଧ୍ୟରେ ମତ ବିନିମୟ କରାଯିବ । ପ୍ରଶାସନିକ ସଂସ୍କାର ଓ ଲୋକ ଅଭିଯୋଗ ବିଭାଗ **DARPG** ପକ୍ଷରୁ ପ୍ରଥମଥର ପାଇଁ ଭାରତରେ ଏଭଳି ସମ୍ମିଳନୀର ଆୟୋଜନ କରାଯାଇଛି ।

# ମଣିପୁର ସିଏମ୍

ମଣିପୁର ମୁଖ୍ୟମନ୍ତ୍ରୀ ପଦରୁ ଏନ୍. ବୀରେନ୍ ସିଂହ ଇସ୍ତଫା ପ୍ରଦାନ କରିଛନ୍ତି । ରାଜ୍ୟପାଳ ଅଜୟ କୁମାର ଭଲ୍ଲାଙ୍କୁ ସେ ତାଙ୍କର ଇସ୍ତଫାପତ୍ର

ପ୍ରଦାନ କରିଛନ୍ତି । ୨୦୧୭ରେ ମଣିପୁରରେ ବିଜେପି କ୍ଷମତାକୁ ଆସିବା ପରଠାରୁ ସେ ସରକାରଙ୍କ ନେତୃତ୍ୱ ନେଇଥିଲେ । ରାଜ୍ୟରେ ସାମ୍ପ୍ରତିକ ରାଜନୈତିକ ଗତିବିଧି, ଅଶାନ୍ତ ବାତାବରଣକୁ ଦୃଷ୍ଟିରେ ରଖି ଶ୍ରୀ ସିଂହ ଏହି ପଦକ୍ଷେପ ନେଇଥିବା କୁହାଯାଇଛି । ବିଜେପି ଦଳର ଉତ୍ତର-ପୂର୍ବ ପ୍ରଭାରୀ ତଥା ସାଂସଦ ସମ୍ବିତ ପାତ୍ରଙ୍କ ସହ ଶ୍ରୀ ସିଂହ ଗତକାଲି ଅପରାହ୍ଣରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହ ଆଲୋଚନା କରିଥିଲେ । ଇମ୍ଫାଲ୍ ଠାରେ ଶ୍ରୀ ସିଂହଙ୍କ ଅଧ୍ୟକ୍ଷତାରେ ଶାସକ ଦଳର ବିଧାୟକଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହା ପରେ ସେ ରାଜ୍ୟପାଳଙ୍କୁ ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିଥିଲେ ।

ଅନ୍ୟ ପକ୍ଷରେ ମଣିପୁର ଦ୍ୱାଦଶ ବିଧାନସଭାର ସପ୍ତମ ଅଧିବେଶନ ଆଜିଠାରୁ ଆରମ୍ଭ ହେବାକୁ ଯାଉଛି ।

## ବିହାର-ଅଶ୍ୱିନୀ ବୈଷ୍ଣବ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ରେଳବାଇରେ ଖୁବ୍ ଶୀଘ୍ର ୯୫ ହଜାର ନୂତନ ପଦବୀ ପୂରଣ କରାଯିବ । ବିହାରର ବେତିଆ ଜଙ୍କସନ୍ ଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ ଶ୍ରୀ ବୈଷ୍ଣବ କହିଛନ୍ତି, ନିକଟରେ ରେଳବାଇ କ୍ଷେତ୍ରରେ ଦେଢ଼ ଲକ୍ଷ୍ୟ ନିଯୁକ୍ତି ହୋଇଛି । ନମୋ ଏବଂ ବନ୍ଦେ ଭାରତ ଟ୍ରେନ୍ ଗୁଡ଼ିକ ପାଇଁ ମିଳୁଥିବା

ସକାରାତ୍ମକ ପ୍ରତିକ୍ରିୟା ଆଧାରରେ ଏହାର ଉତ୍ପାଦନ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି । ବିହାରରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ୯୫ ହଜାର ୫୦୦ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ ମାଧ୍ୟମରେ ରେଳପଥ ସମ୍ପ୍ରସାରଣ ପାଇଁ ପଦକ୍ଷେପ ନିଆଯାଇଛି ।  ଆସନ୍ତା ଆର୍ଥିକ ବର୍ଷ ପାଇଁ ବିହାରରେ ୧୦ ହଜାର ୬୬ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ପୂର୍ବ କେନ୍ଦ୍ରୀୟ ରେଳପଥ ଅଧିନସ୍ଥ ବେତିଆ ଜଙ୍କସନ୍‌ରେ  ମନ୍ତ୍ରୀ ବୈଷ୍ଣବ ୧୦୩ କୋଟି ଟଙ୍କା ବ୍ୟୟରେ ନିର୍ମିତ **ROB**କୁ ଉଦ୍‌ଘାଟନ କରି ସାଧାରଣ ସଭାକୁ ସମ୍ବୋଧନ କରିଥିଲେ ।

# ଫିସରମ୍ୟାନ୍ ଆରେଷ୍ଟ

ଶ୍ରୀଲଙ୍କା ନୌବାହିନୀ ତାମିଲନାଡୁର ରାମେଶ୍ୱରମ୍ ସମୁଦ୍ର ସୀମାରୁ ୧୪ ଜଣ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଗିରଫ୍ କରିଛି । ଶ୍ରୀଲଙ୍କା ସମୁଦ୍ରସୀମା ଅତିକ୍ରମ କରିଥିବା ଅଭିଯୋଗରେ ଗତକାଲି ସେମାନଙ୍କୁ ଗିରଫ୍ କରାଯାଇଥିବା ଜଣାପଡ଼ିଛି । ଦୁଇଟି ବୋଟ୍ ଏବଂ ଅନ୍ୟାନ୍ୟ ମାଛଧରା ସାମଗ୍ରୀ ସେମାନଙ୍କୁ ଠାରୁ ଶ୍ରୀଲଙ୍କା ନୌବାହିନୀ ଜବତ କରିଛି । ମାଛ ଧରିବା ପାଇଁ ଗତକାଲି ରାମେଶ୍ୱରମ୍ ଠାରୁ ୪୦୦ଟି ବୋଟ୍‌ରେ ମତ୍ସ୍ୟଜୀବୀମାନେ ସମୁଦ୍ର ମଧ୍ୟକୁ ଯାଇଥିଲେ । ଧନୁଷ୍‌କୋଡ଼ି ଏବଂ ଥାଲାଇ

ମନାର୍ ସମୁଦ୍ର ସୀମା ଅଞ୍ଚଳରେ ବହୁ ମତ୍ସ୍ୟଜୀବୀ ମାଛ ଧରୁଥିବା ବେଳେ ଦୁଇଟି ବୋଟ୍ ଶ୍ରୀଲଙ୍କା ଜଳସୀମା ମଧ୍ୟକୁ ପ୍ରବେଶ କରିଥିବା ନେଇ ଶ୍ରୀଲଙ୍କା ନୌବାହିନୀ ଅଭିଯୋଗ କରିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ସୌରଶକ୍ତିର ବ୍ୟବହାର ବୃଦ୍ଧି** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନବକୀରଣ ଏବଂ ଅକ୍ଷୟଶକ୍ତି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ସୁଦୀପ ଜୈନ ଏବଂ ଜାତୀୟ ସୌରଶକ୍ତି ପ୍ରତିଷ୍ଠାନର ମହାନିର୍ଦ୍ଦେଶକ ପ୍ରଫେସର ମହମ୍ମଦ ରିହାନ୍ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# କ୍ରିକେଟ୍-ଇଣ୍ଡିଆ-ଇଂଲଣ୍ଡ

ଚଳିତ ତିନିଟିକିଆ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି । କଟକ ବାରବାଟୀ ଷ୍ଟାଡିୟମ୍ ଠାରେ ଗତକାଲି ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ଇଂଲଣ୍ଡକୁ ୪ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଏଥିସହ ସିରିଜ୍‌କୁ ଅକ୍ତିଆର କରିବା ସହ ୨-୦ରେ ଆଗୁଆ ରହିଛି । ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଆସନ୍ତା ବୁଧବାର ଅହମ୍ମଦାବାଦ ଠାରେ ଖେଳାଯିବ ।

ଇଂଲଣ୍ଡ ଗତକାଲି ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ୪୯ ଓଭର ୫ଟି ବଲ୍‌ରେ ଇଂଲଣ୍ଡ ୩୦୪ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଜୋ ରୁଟ୍ ୬୯ରନ୍ ଏବଂ ବେନ୍ ଡକେଟ୍ ୬୫ରନ୍‌ର ପାଳି ଖେଳିଥିଲେ । ଭାରତ ପକ୍ଷରୁ ରବିନ୍ଦ୍ର ଜାଡ଼େଜା ୩ଟି ଓ୍ୱିକେଟ୍ ଅକ୍ତିଆର କରିଥିବା ବେଳେ ମହମ୍ମଦ ସାମି, ହର୍ଷିତ୍ ରାଣା, ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏଁ ଓ୍ୱିକେଟ୍ ହାସଲ କରିଥିଲେ ।

୩୦୫ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୪୪ ଓଭର ୩ଟି ବଲ୍‌ରେ ୬ ଓ୍ୱିକେଟ୍ ବିନିମୟରେ ୩୦୮ରନ୍ କରି ବିଜୟୀ ହୋଇଥିଲା । ଅଧିନାୟକ ରୋହିତ ଶର୍ମା ୧୧୯ରନ୍‌ର ଚିତାକର୍ଷକ ପାଳି ଖେଳିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଶୁଭମାନ ଗିଲ୍ ୬୦, ଶ୍ରେୟସ ଆୟାର ୪୪

ଏବଂ ଅକ୍ଷର ପଟେଲ୍ ଅପରାଜିତ ୪୧ରନ୍ ସଂଗ୍ରହ କରିଥିଲେ । ଇଂଲଣ୍ଡ ପକ୍ଷରୁ ଜାମି ଓଭରଟନ୍ ୨ଟି ଓ୍ୱିକେଟ୍ ହାସଲ କରିଥିବା ବେଳେ ଆଟ୍‌କିନ୍‌ସନ୍, ଆଦିଲ ରସିଦ୍ ଏବଂ ଲିଆମ ଲିଭିଙ୍ଗ୍‌ଷ୍ଟୋନ୍ ଗୋଟିଏ ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଥିଲେ ।

ରୋହିତ ଶର୍ମାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି ।